# Akashvani, Sambalpur

# SAMBALPURI NEWS BULLETIN

## 26 September 2024- 6.47- 6.52 am.

*********************************************

ସ୍ୱଚ୍ଛତା ହିଁ ସେବା- କେନ୍ଦ୍ରମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ନ ଚାଲିଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ର କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଆଏଜ୍ ସାମିଲ୍ ହେବେ । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଉପସ୍ଥିତ୍ ରହେବେ । ଇ ଅବ୍‌ସରେ ପରିମଳ, ସ୍ୱଚ୍ଛତା, ଓଡ଼ିଏଫ୍ ପ୍ଲସ୍ ମୋଡ଼େଲ୍ ଘୋଷ୍‌ନା ଆଉ ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରଥି ରାଜ୍ୟର୍ ପ୍ରଦର୍ଶନ୍ ଆକଲନ୍ ଉପ୍‌ରେ ଜୋର୍ ଦିଆଯିବା । ନୂଆପଡ଼ା ଜିଲ୍ଲାକେ ସର୍ବଶ୍ରେଷ୍ଠ ସାମଗ୍ରୀ ସ୍ୱଚ୍ଛ ଭାରତ୍ ଗ୍ରାମୀଣ୍ ପୁରସ୍କାର୍, ଖୋର୍ଦ୍ଧା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାକେ ତରଳ ବର୍ଜ୍ୟବସ୍ତୁ ପରିଚାଳନାଥି ଶ୍ରେଷ୍ଠ ଜିଲ୍ଲା ପୁରସ୍କାର୍ ଦିଆଯିବା । ହେନ୍ତା ନୂଆପଡ଼ାର ଭଲେଶ୍ୱର୍, ସୁନ୍ଦର୍‌ଗଡ୍‌ର କାଟ୍‌ଡୁ ପଂଚାୟତ୍ ସହେତେ ରାଜ୍ୟର୍ ୫ ଟା ପଂଚାୟତ୍‌କେ ସ୍ୱଚ୍ଛ ପଂଚାୟତ୍ ପୁରସ୍କାର୍ ଦିଆଯିବା । ହେନ୍ତା କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଟିଲ୍

ଉତ୍କଳମଣି ଗୋପବନ୍ଧୁ ଦାସ୍ଙ୍କର୍ ଜନ୍ମସ୍ଥାନ ସୁଆଣ୍ଡୋକେ ଯାଇକରି ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ଗଛ୍ ଲଗାବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବିଜେପି ଅଧ୍ୟକ୍ଷ ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ / ସମ୍ବଲପୁର

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଆଉ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଭୁବ୍‌ନେଶ୍ୱର୍ ଗସ୍ତ୍‌ଥି ଆସ୍‌ବେ । ସେ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ବୁଦ୍ଧିଜୀବୀ ସମ୍ମିଲନୀଥି ଯୋଗ୍ ଦେବେ । ଦୁଇପହରେ ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାନେ ମନ୍ତ୍ରୀ, ସାଂସଦ୍, ବିଧାୟକ୍ ଆଉ ରାଜ୍ୟ କର୍ମକର୍ତାମାନ୍‌କର୍ ସହେତେ ସଦସ୍ୟତା ଅଭିଯାନ୍ ବାବ୍‌ଦେ ସେ ଆଲୋଚନା କର୍‌ବେ ବଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଡକ୍ଟର୍ ଯତୀନ୍ ମହାନ୍ତି ସୂଚ୍‌ନା ଦେଇଛନ୍ ।

ବିଶ୍ୱବେଙ୍କ୍ ଟିମ୍ ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ / ସମ୍ବଲପୁର

ଭିତିଭୂମି କ୍ଷେତ୍ର ନ ଓଡ଼ିଶାର୍ ରଣନୀତି ବାବ୍‌ଦେ ଅଧ୍ୟୟନ୍ ଆଉ ଇ କ୍ଷେତ୍ର ନ ଘରୋଇ ପୁଞ୍ଜିନିବେଶ୍ ବଢ଼ାବାର୍‌କେ ସୁପାରିଶ୍

କର୍‌ବାର୍ ଉଦ୍ଦେଶ୍‌ଥି ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବିଶ୍ୱବେଙ୍କର୍ ସହଯୋଗ୍‌ଥି ଅଧ୍ୟୟନ୍ କରାଯିବା । ସର୍‌କାରୀ- ବେସର୍‌କାରୀ ସହଭାଗିତା ପିପିପି ବିଶେଷଜ୍ଞ ଆଉ ପରାମର୍ଶଦାତାମାନେ ସାମିଲ୍ ଥିବାର୍ ବିଶ୍ୱବେଙ୍କ୍‌ର ୫ ଝନିଆ ଟିମ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ବୈଠକ୍‌ଥି ଇ ବାବ୍‌ଦେ ଆଲୋଚନା କରିଛନ୍ ।

ସ୍କୁଲ୍ ନ ପୋଷଣ ମାସ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍ ନ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୪ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ହେଇଛେ । ଇଥି 'ଚାଲ ରକ୍ତହୀନତା ଉପ୍‌ରେ କଥା ହେମା' ବିଷେଥି ଗୋଷ୍ଠୀ ଆଲୋଚନା କରାଯିବାର୍ ସହେତେ ଛାତ୍ରଛାତ୍ରୀମାନ୍‌କୁ ନେଇକରି ବିତର୍କ ପ୍ରତିଯୋଗିତା ଆୟୋଜନ୍ କରାଯିବା । ଇ ବାବ୍‌ଦେ ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍ ପି.ଏମ୍. ପୋଷଣ ରାଜ୍ୟ ପ୍ରକଳ୍ପ ମେନେଜ୍‌ମେଂଟ୍ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ । ପୋଷଣ ମାସ ଅବ୍‌ସରେ ସ୍କୁଲ୍ ଛୁଆମାନେ ପ୍ରଯୁକ୍ତି ବିଦ୍ୟା ଆଉ ଇତାର୍

ମୋଡ଼େଲ୍‌କେ ସ୍କୁଲ୍ ନ ଗୁଟେ ପ୍ରଦର୍ଶନୀ କର୍‌ବେ । ଇତାର୍‌ସହେତେ ଗଛ୍ ଲଗାବେ ଆଉ ସେଲ୍‌ଫି ନେବେ ବଲି ଭିଲ୍ କୁହାଯାଇଛେ ।

ଓଏଏସ୍ ଅଧିକାରୀ ଅଦଲ୍‌ବଦଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ପ୍ରଶାସନିକ୍ ସେବା- ଓଏଏସ୍ ସ୍ତର୍‌ଥି ରାଜ୍ୟ ସର୍‌କାର୍ ବଡ଼ ଧରଣ୍‌ର ଅଦଲ୍‌ବଦଲ୍ କରିଛନ୍ । ଗଲାକାଏଲ୍ ଇ ବାବ୍‌ଦେ ବିଜ୍ଞପ୍ତି ବାହାର୍ କରାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ଅନାମଚରଣ୍ ପାତ୍ରଙ୍କୁ କଟକ୍ ମହାନଗର୍ ନିଗମ୍‌ର କମିଶନର୍, ଦିଲ୍ଲୀପ୍ କୁମାର୍ ବେହେରାଙ୍କୁ ଆଠ୍‌ମଲ୍ଲିକ୍, ଆଲୋକ୍ କୁମାର୍ ପଟେଲ୍‌ଙ୍କୁ ବଲାଙ୍ଗିର୍, ପ୍ରସନ୍ନ କୁମାର୍ ପଟେଲ୍‌ଙ୍କୁ ବର୍‌ଗଡ଼୍, ଜ୍ୟୋତି ଶଙ୍କର ସାହୁ ଙ୍କୁ ସୁନ୍ଦର୍‌ଗଡ଼୍, ପ୍ରଭାତ୍ କୁମାର୍ ପରିଡ଼ାଙ୍କୁ ଭବାନୀପାଟ୍‌ନା, ଗୌରବ୍‌ମୟ ପ୍ରଧାନ୍‌ଙ୍କୁ କୁଚିଣ୍ଡା ଉପ ଜିଲ୍ଲାପାଲ୍ ଭାବେ ଅବସ୍ଥାପିତ୍ କରାଯାଇଛେ । ଲଲିତ୍ ସୋରେଙ୍ଗ୍‌ଙ୍କୁ ଝାର୍‌ଗୁସୁଡ଼ା ଥଇଥାନ୍ ଆଉ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାର୍ ବିଜ୍ଞପ୍ତିନୁ ଜନାପଡ଼ିଛେ ।

ଓପିଏସ୍ ବଦ୍‌ଲି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ପୁଲିସ୍ ବାହିନୀର୍ ସୁପର୍‌ଟାଇମ୍ ସ୍କେଲ୍‌ର ଓଡ଼ିଶା ପୁଲିସ୍ ସେବା- ଓପିଏସ୍ ସ୍ତର୍‌ର ୭ ଝନ୍ ଅଧିକାରୀଙ୍କୁ ସୁପରିୟର୍ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କେ ପଦୋନ୍ନତ୍ କରାଯାଇଛେ । ଇ ବାବ୍‌ଦେ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ତର୍‌ଫୁ ସୂଚ୍‌ନା ମିଳିଛେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ୍ ଓଏଚ୍‌ପିସିର ଚିପିଲିମା ୟୁନିଟ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏଜ୍ ସଖାଳର୍ ୬ ବଜେନୁ ଉପର୍‌ବେଲା ୬ ବଜେତକ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ଧମା, ଚିପିଲିମା, ବସନ୍ତପୁର୍, ସାହାସ୍‌ପୁର୍, ହାତୀବାରି, ୟୁୟୁମୁରା, ଗୁଣ୍ଡେର୍‌ପୁର୍, ଗୋଶାଲା, ଗୋଡ଼ଭଗା ଆର୍ ଇତାର୍ ଆଖର୍‌ପାଖର୍ ଇଲାକାକେ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ଗୁଟେ ପ୍ରେସ୍ ବିଜ୍ଞପ୍ତି ଜରିଏ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା କାଏଲ୍ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍ବେ । ଇତାର୍ଛଡ଼ା ୧୯୨୨ ଫୋନ୍ ନମ୍ବର୍ଥି ମିସ୍ଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ମିଳିପାରୁଥିବା ଲିଙ୍କ୍ଥି ଭିଲ୍ ସନ୍ଦେଶ୍ ଦେଇପାର୍ବେ । ନରେନ୍ଦ୍ର ମୋଦୀ ଆପ୍ ନାଇଁ ହେଲେ ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍ଲାଇନ୍ଥି ସନ୍ଦେଶ୍ ଦିଆଯାଇପାର୍ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍

କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଶ୍ରୀମନ୍ଦିର୍ ଖାଦ୍ୟ ନିରୀକ୍ଷକ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଦୀପ ଜଲାବାର୍ ଲାଗି ଆଉ ପ୍ରସାଦ୍ ତିଆରିଥି ଶୁଦ୍ଧ ଘିଅ ବେଭାର୍ କରାଯିବା । ଖୋବ୍ ଜଲ୍‌ଦି ଇଥିର୍‌ଲାଗି ଶ୍ରୀମନ୍ଦିର୍ ନ ଝନେ ଖାଦ୍ୟ ନିରୀକ୍ଷକଙ୍କୁ ନିଯୁକ୍ତି ଦିଆଯିବା । ସେ ମହାପ୍ରଭୁଙ୍କର୍ ସେବା ପୂଜାଥି ଶୁଦ୍ଧ ସାମଗ୍ରୀ ଲାଗି ହେବାର୍‌କେ ଶୁନିଶ୍ଚିତ୍ କର୍‌ବେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗଲାକାଏଲ୍ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ଥି ସୃଷ୍ଟି ହେଇଥିବା ଲଘୁଚାପ୍ ଲାଗି ରାଜ୍ୟର୍ ବଡ଼ଭାଗୀ ଇଲାକା ନ ପାଗ୍ ମେଘୁଆ ରହେବାର୍ ସଙ୍ଗେ ବହୁତ୍‌ଟେ ଜାଗା ନ ରହି ରହିକରି ବର୍ଷା ହେଉଛେ । ଇ ଥିତି ଆଉ ୨ ଦିନ୍‌ତକ୍ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏଜ୍ ସୁନ୍ଦର୍‌ଗଡ଼୍

ସହେତେ ଉତର୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ । ଆଏବା କାଏଲ୍ ରାଜ୍ୟର୍ କିଛି କିଛି ଜାଗା ନ ବର୍ଷା ହେବା । ଶନିବାର୍‌ଠାନୁ ବର୍ଷା କମ୍‌ବା ଆଉ ରଏବାର୍ ଦିନ କେନକେନ୍ତା ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।